## ସଂସଦରେ ସ୍ପଷ୍ଟକଲେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ

# ଚୀନ୍ ଦଖଲରେ ଲଦାଖର ୩୮ ହଜାର ବର୍ଗ କିମି

**ନୂଆଦିଲ୍ଲୀ, ୧୫।୯/ଏଜେନ୍ସି:**

ଲଦାଖ ସୀମାକୁ ନେଇ ଦୀର୍ଘ ମାସ ଧରି ଭାରତ-ଚୀନ୍ ମଧ୍ୟରେ ବିବାଦ ଲାଗିରହିଥିବା ବେଳେ ମଙ୍ଗଳବାର ସଂସଦରେ ଏ ସମ୍ପର୍କରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ନିଜର ବକ୍ତବ୍ୟ ରଖି ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି । ସେ କହିଛନ୍ତି, ଏହି ସୀମା ବିବାଦର ଶାନ୍ତିପୂର୍ଣ୍ଣ ଆଲୋଚନା ଦ୍ୱାରା ସମାଧାନ କରିବାକୁ ଭାରତ ବଦ୍ଧପରିକର ରହିଛି । ତେବେ ଦେଶର ସାର୍ବଭୌମତ୍ୱ ଓ ଅଖଣ୍ଡତା କ୍ଷେତ୍ରରେ କୌଣସି ପ୍ରକାର ସାଲିସ୍ କରାଯିବ ନାହିଁ ।

ଲୋକସଭାରେ ରାଜନାଥ କହିଛନ୍ତି, ୧୯୬୩ରେ ତଥାକଥିତ ସୀମା ରାଜିନାମା ଅନୁଯାୟୀ ଚୀନ୍ ଲଦାଖରେ ୩୮ ହଜାର ବର୍ଗ କିଲୋମିଟର ଅଞ୍ଚଳ ଜବରଦଖଲ କରିଛି । ପାକିସ୍ତାନ ବେଆଇନ ଭାବେ ପିଓକେ (ପାକ୍ ଅଧିକୃତ କଶ୍ମୀର)ର ୫୧୮୦ ବର୍ଗ କିଲୋମିଟର ଭାରତୀୟ ଅଞ୍ଚଳକୁ ଚୀନ୍‌କୁ ହସ୍ତାନ୍ତର କରିଦେଇଛି । ଚୀନ୍‌ର ପଦକ୍ଷେପରୁ ଜଣାପଡୁଛି ଯେ

**୫୧୮୦ ବର୍ଗ କିଲୋମିଟର ଭାରତୀୟ ଅଞ୍ଚଳ ଚୀନ୍‌କୁ ହସ୍ତାନ୍ତର କରିଛି ପାକିସ୍ତାନ**

ଏହା ଆମର ବିଭିନ୍ନ ଦ୍ୱିପାକ୍ଷିକ ରାଜିନାମାକୁ ମାନିବାକୁ ଚାହୁଁନାହିଁ । ସୀମାରେ ବିପୁଳ ସଂଖ୍ୟାରେ ସୈନ୍ୟ ମୁତୟନ କରି ଚୀନ୍ ୧୯୯୩ ଓ ୧୯୯୬ ରାଜିନାମାର ଉଲ୍ଲଙ୍ଘନ କରିଛି । ଏହି ଦୁଇ ରାଜିନାମା ସମୟରେ ବାସ୍ତବ ନିୟନ୍ତ୍ରଣ ରେଖା (ଏଲଏସି) କୁ ମାନି ଦୁଇ ଦେଶ ଶାନ୍ତି ଓ ସଦ୍‌ଭାବ ବଜାୟ ରଖିବାକୁ ସହମତ ହୋଇଥିଲେ । କିନ୍ତୁ ଚୀନ୍ ଏହି ରାଜିନାମାର




ଖୋଲାଖୋଲି ଉଲ୍ଲଙ୍ଘନ କରିଛି । ଏହା ସତ୍ତ୍ୱେ ଭାରତ ଶାନ୍ତିପୂର୍ଣ୍ଣ ଆଲୋଚନା ଦ୍ୱାରା ସୀମା ବିବାଦର ସମାଧାନ କରିବାକୁ ଚାହେଁ । ଗତ ୪ ତାରିଖରେ ମୁଁ ଚୀନ୍ ପ୍ରତିପକ୍ଷଙ୍କୁ ମସ୍କୋରେ ଭେଟି ଏ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛି ବୋଲି କହିଥିଲେ ରାଜନାଥ । ସୀମାର ସ୍ଥିତାବସ୍ଥା ମନୋମୁଖୀ ଭାବେ ପରିବର୍ତ୍ତନ କରାଯାଇପାରିବ ନାହିଁ ବୋଲି ଚୀନ୍ ପ୍ରତିପକ୍ଷଙ୍କୁ ସେ ସ୍ପଷ୍ଟ ଜଣାଇଥିଲେ ବୋଲି ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି । ଏହି ସଦନ ଆମର ସେନା ଉପରେ ସମ୍ପୂର୍ଣ୍ଣ ବିଶ୍ୱାସ ରଖିବା ଉଚିତ୍ । ଏହି ଅବସରରେ ପ୍ରତିରକ୍ଷାମନ୍ତ୍ରୀ ଗତ ଅଗଷ୍ଟ ୨୯-୩୦ ରାତିରେ ଦୁଇ ଦେଶର ସେନା ମଧ୍ୟରେ ଘଟିଥିବା ମୁହାଁମୁହିଁ ପରିସ୍ଥିତି ସମ୍ପର୍କରେ ମଧ୍ୟ ଆଲୋକପାତ କରିଥିଲେ । ସେ କହିଲେ ଯେ ଡୋକ୍‌ଲାମ୍ ସଂଘର୍ଷ ବେଳେ ଭାରତୀୟ ଯବାନମାନେ ସାହସିକତାର ପରିଚୟ ଦେଇଛନ୍ତି । ସେମାନଙ୍କର ସମସ୍ତ ପଦକ୍ଷେପ ଅତ୍ୟନ୍ତ ପ୍ରଶଂସନୀୟ । ଏହି ଘଟଣା ପରିପ୍ରେକ୍ଷୀରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ଚୀନ୍‌କୁ ଚେତାବନୀ ଦେଇ କହିଛନ୍ତି ଯେ ଏଲଏସିରେ କୌଣସି ଗମ୍ଭୀର ପରିସ୍ଥିତି ଦ୍ୱିପାକ୍ଷିକ ସମ୍ପର୍କକୁ ପ୍ରଭାବିତ କରିବ । ଭାରତ-ଚୀନ୍ ସୀମା ବିବାଦ ପ୍ରସଙ୍ଗରେ ବିତର୍କ ପାଇଁ ବିରୋଧୀଦଳଗୁଡିକର ଦାବି କ୍ରମେ ପ୍ରତିରକ୍ଷା ମନ୍ତ୍ରୀଙ୍କ ଏହି ବିବୃତ୍ତିକୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଛି ।

ନିତିଦିନ NITIDIN
Wed, Sep 16, 2020
http://odishanewsnitidin.com